## ସଂକ୍ଷେପରେ

### ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ

ଜୟପୁର, ୨୩।୭(ନି.ପ୍ର.)-ଜଣେ ଅଚିହ୍ନା ବୃଦ୍ଧାଙ୍କ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି । ବୃଦ୍ଧା ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବୟସ ୫୫ ବର୍ଷ ହେବ। ତାଙ୍କ ପରିଚୟ ମିଳିପାରିନାହିଁ । ଏନେଇ ସଦର ପୋଲିସ ୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୯୧ କେଜି ଗଞ୍ଜେଇ ଜବତ

ଜୟପୁର, ୨୩।୭ (ନି.ପ୍ର.)-ଗଞ୍ଜେଇ ଚୋରାଚାଲାଣ ବେଳେ ଡଙ୍ଗରଛିଣ୍ଡିଠାରେ ଜୟପୁର ସଦର ପୋଲିସ ଚଢ଼ାଉ କରି ଏହାକୁ ଧରିଛି। କୋଟା ଛକ ଦେଇ ଜୟପୁର ପଟେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଡଙ୍ଗରଚିଣ୍ଡି ନିକଟରେ ସଦର ପୋଲିସ ଜଗି ରହିଥିଲା। ପୋଲିସକୁ ଦେଖି ଡ୍ରାଇଭର ଓ ଚାଲାଣକାରୀ ଗାଡ଼ି ରଖି ଫେରାର ହୋଇଯାଇଥିଲେ। ପୋଲିସ ରେଜିଷ୍ଟ୍ରେଶନ ହୋଇ ନ ଥିବା ଏକ ବୋଲେରୋ ଜବତ କରିଛି। ସେଥିରୁ ୯୧ କେଜି ଗଞ୍ଜେଇ ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଅଗ୍ନିପଥ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୩।୭(ନି.ପ୍ର.)-ଜୟପୁର ବିକ୍ରମଦେବ କଲେଜରେ ଏନ୍‌ସିସି ଛାତ୍ର ଓ କଲେଜ ଛାତ୍ରୀଛାତ୍ରଙ୍କୁ ଅଗ୍ନିପଥ ଯୋଜନା ସମ୍ପର୍କରେ ଶନିବାର ସଚେତନ କରାଯାଇଛି। ଏନେଇ ଆୟୋଜିତ କର୍ଯ୍ୟକ୍ରମରେ ଆର୍ମିର ନିଯୁକ୍ତି ଅଫିସର ମେଜର ପୁଷ୍ପେନ୍ଦ୍ର ଯାଦବ ଯୋଗଦେଇ ଏହି ଯୋଜନାରେ କ'ଣ ସୁବିଧା ରହିଛି ସେ ବିଷୟରେ ବୁଝାଇଲେ । ଆସନ୍ତା ନଭେମ୍ବର ୧ ରୁ ୯ ତାରିଖ ଯାଏ କୋରାପୁଟ ଜିଲା ପାଇଁ ନିଯୁକ୍ତି ମେଳା ହେବ । ଏଥିରେ ଛାତ୍ରୀଛାତ୍ର ମାନେ ନିଜ ନାମ ପଞ୍ଜୀକରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଦେଶ ସେବା ପାଇଁ ଇଚ୍ଛୁକ ଥିବା ଯୁବଗୋଷ୍ଠୀ ଏହାର ସୁଯୋଗ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଏନ୍‌ସିସି ଶିକ୍ଷକ ଲକ୍ଷ୍ମଣ ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ସାମିଲହେବାକୁ ଅଧକ୍ଷ ଗୋପାଳ ହାଲ୍‌ଦାର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନ୍‌ସିସି ଅଲୁମ୍‌ନି ଛାତ୍ର ନିଶାନ ପଟ୍ଟନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାରାୟଣ ହୋତା, ଦୁର୍ଗା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆଦର୍ଶ ବିଦ୍ୟାଳୟରେ ୪୬ ରୁ ୪୫ ପାସ୍

ବୈପାରିଗୁଡ଼ା, ୨୩।୭ (ଡି.ଏନ୍.ଏ.)- ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୭.୮ ରହିଥିବା ଜଣାପଡିଛି। ବିଦ୍ୟାଳୟରେ ୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅନନ୍ୟା ଚୌଧୁରୀ ୮୮.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

### ଶହେ କାଉଡ଼ିଆଙ୍କ ଗୁପ୍ତେଶ୍ୱର ଯାତ୍ରା

କୁଡୁମୁଲୁଗୁମ୍ମା, ୨୩।୭(ଡି.ଏନ.ଏ.)- କୁଡୁମୁଲୁଗୁମ୍ମାର ଯୁବକମାନଙ୍କୁ ନେଇ ଗଢ଼ି ଉଠିଥିବା ବୋଲବମ ସଂଘ ପକ୍ଷରୁ ବାବା ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କରିବା ପାଇଁ ପାଖାପାଖି ଶହେ ଜଣ ଶ୍ରଦ୍ଧାଳୁ ଯାତ୍ରା ଆରମ୍ଭ କରିଛନ୍ତି । ଶୁକ୍ରବାର ସକାଳୁ ସେମାନେ କୁଡୁମୁଲୁଗୁମ୍ମା ନିକଟସ୍ଥ ଟେକଗୁଡ଼ା ନଦୀରୁ ଜଳଭାର ଉଠାଇ ଯାତ୍ରା ଆରମ୍ଭ କରିଥିଲେ। ଯାତ୍ରା କରିଥିବ ସଂଘ ସଦସ୍ୟଙ୍କ ସୁରକ୍ଷିତ ଯାତ୍ରା ଲାଗି ଗୁରୁତ୍ୱାରୋପ କରାଯାଉଥିବା ସଭାପତି ନୀହାରକାନ୍ତ ଦାସ କହିଛନ୍ତି ।

# ମୋଟୁ ବନ୍ୟା କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କଲେ ଏମ୍‌ପି

**କାଲିମେଳା/ଏମ୍‌ଭି-୭୯, ୨୩।୭(ଡି.ଏନ.ଏ.)**


ଏମ୍‌ପି ରମେଶ ଚନ୍ଦ୍ର ମାଝି ଆନ୍ଧ୍ରର କୋଇଗୁରୁ ବ୍ରିଜ୍ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

ପୋଲାଭରମ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁ ମୋଟୁ ଓ ପୁଶୁଗୁଡ଼ା ପଞ୍ଚାୟତର ଅନେକ ଗ୍ରାମ ଜଳମଗ୍ନ ହୋଇଥିଲା । ବର୍ତ୍ତମାନ ବନ୍ୟା ଛାଡ଼ିଯାଇଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଚାଲିଥିବା ବେଳେ ଶନିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ସହ ଏକ ଦଳୀୟ ଟିମ୍ ମୋଟୁ ଏବଂ ଆନ୍ଧ୍ର, ଛତିଶଗଡ଼କୁ ଲାଗି ରହିଥିବା ସୀମାନ୍ତ ପ୍ରଭାବିତ ଗ୍ରାମଗୁଡିକ ବୁଲି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବ୍ଲକ ବିଜେଡି ସଭାପତି ଶରତ ବିଶ୍ୱାଳଙ୍କ ନେତୃତ୍ୱରେ ଏମ୍‌ପି ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ମାଲକାନଗିରି ପୌରାଧ୍ୟକ୍ଷ ମନୋଜ ବାରିକ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ରାଜେନ୍ଦ୍ର ପଣ୍ଡା, ଗୋପାଳକୃଷ୍ଣ ତ୍ରିପାଠୀ, ଆଡମା ରାବା, କାଲିମେଳାର ଭାସ୍କର ରାଓ, ବିନୋଦ ସାହୁ, ଦିଲୀପ ବିଶ୍ୱାସଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି ମାଝି କାଲିମେଳା ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ମୋଟୁ ଅତିରିକ୍ତ ତହସିଲଦାର ସାୟାର ଶବିରଙ୍କ ସହ ଆଲୋଚନା କରି ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଲୋକଙ୍କ ପରିସ୍ଥିତି କିଭଳି ରହିଛି, ସେମାନେ କିପରି ରହିଛନ୍ତି ଜାଣିବାକୁ ଏମ୍‌ପି ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏମ୍‌ପି ଆନ୍ଧ୍ରର କୋଇଗୁର ବ୍ରିଜ୍ ଅଞ୍ଚଳ ବୁଲି ସେଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ । ପୋଲାଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର ମାଲକାନଗିରି ଜିଲା ପ୍ରଭାବିତ ହେଉଛି। ବନ୍ୟାରେ ଘରଦ୍ୱାର ଭାଙ୍ଗି ଲୋକମାନଙ୍କର ବହୁ କ୍ଷତି ହେଉଛି। ଏନେଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନାକରି ଏହାର କିପରି ସ୍ଥାୟୀ ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ଏମପି ମାଝି କହିଥିଲେ।

# ଯବାନଙ୍କ ଭୂମିକାକୁ ପ୍ରଶଂସା କଲେ

**ମାଲକାନଗିରି, ୨୩।୭(ଡି.ଏନ.ଏ.)**



ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ବିଏସ୍‌ଏଫ୍ ଆଇ.ଜି. ।

## ବିଏସ୍‌ଏଫ୍ ଆଇଜିଙ୍କ ମାଲକାନଗିରି ଗସ୍ତ

ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଦାକୋଟି ୩ ଦିନିଆ ମାଲକାନଗିରି ଜିଲା ଗସ୍ତକରି ମାଓବାଦୀ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଶନିବାର ଫେରିଯାଇଛନ୍ତି। ସେ ମାଓବାଦୀପ୍ରବଣ ଅଞ୍ଚଳର ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରି ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଜିଲାର ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପ ବୁଲି ବିଏସ୍‌ଏଫ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠିତ ସୈନିକ ସମ୍ମିଳନୀରେ ଯୋଗଦେଇ ମାଓବାଦୀ ଦମନ କ୍ଷେତ୍ରରେ ବିଏସ୍‌ଏଫ୍ ଯବାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ତିନିଦିଆ ଗସ୍ତ ସମୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ମଧ୍ୟ ବୁଦାକୋଟି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଏସ୍‌ଏଫ୍ ଆଇଜି ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଭୂମି ଗ୍ରାମ ପରିଦର୍ଶନ କରି ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶହୀଦଙ୍କ ପରିବାରକୁ ସମ୍ମାନିତ କରିଥିଲେ। ମାଲକାନଗିରି ଜିଲା ପ୍ରଶାସନ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରି ସମସ୍ତେ ମିଶିଲେ ଏହା ଦୂର ହୋଇପାରିବ ବୋଲି ମତ ରଖିଥିଲେ। ବିଏସ୍‌ଏଫ୍ ଆଇଜିଙ୍କ ସହ ବିଏସ୍‌ଏଫ୍ ଡିଆଇଜି ଏ.କେ. ଶର୍ମା, ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଉପସ୍ଥିତ ଥିଲେ।

# ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ରକ୍ତଦାନ ଶିବିର

**କୋରାପୁଟ, ୨୩।୭(ସ୍ୱ.ପ୍ର.)**

ଇଷ୍ଟକୋଷ୍ଟ ରେଲୱେ କୋରାପୁଟ ପକ୍ଷରୁ ଶନିବାର ସ୍ଥାନୀୟ ରେଲୱେ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ଏହି ଶିବିରରେ କୋରାପୁଟ ରେଲୱେ ଏଡିଏମ୍‌ଇ ମନୀଷ କୁମାର ମୀନା ଏବଂ ମେଡିକାଲର ଏଡିଏମ୍‌ଓ ଡା. କେ. ଭୋଜ ରାଜୁ ଉପସ୍ଥିତ ଥିଲେ। ପ୍ରଥମ ରକ୍ତଦାତା ଭାବେ ଜୟସେନ ହନ୍ତାଳ ଏହାକୁ ଉଦ୍‌ଘାଟନ କରିଥିଲେ। ରେଲୱେର ସମସ୍ତ କର୍ମଚାରୀ ଏବଂ ରେଲୱେ ଶ୍ରମିକ ୟୁନିୟନ ସଦସ୍ୟମାନେ ମଧ୍ୟ ସାମିଲ ହୋଇ ରକ୍ତଦାନ କରିଥିଲେ। ରକ୍ତଦାନ ମହତ ଦାନ। ଏହାଦ୍ୱାରା ସମସ୍ତେ ସୁସ୍ଥ ଜୀବନ ଅତିବାହିତ କରିପାରିବା ଏହି ଉଦ୍ଦେଶ୍ୟରେ ହୋଇଥିବା ଏହି ରକ୍ତଦାନ ଶିବିରରେ ଶ୍ରମିକ ୟୁନିୟନ ସମ୍ପାଦକ ରଜତ ଦୁରୁକ, ସିଓବି ସୁଜିତ ରାଉତ, ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ନରେଶ ଚନ୍ଦ୍ର ସାହୁ, କୋରାପୁଟ ବ୍ଲଡ୍ ବ୍ୟାଙ୍କ କର୍ମକର୍ତ୍ତା, ଷ୍ଟେଶନ ମ୍ୟାନେଜର ନନ୍ଦକିଶୋର ଭିତରେଙ୍କ ସମେତ ଅନ୍ୟମାନେ ସାମିଲହୋଇ ରକ୍ତଦାନ କରିଥିଲେ। ରେଲୱେର ଏଡିଇଏନ୍ ଲଲାଟେନ୍ଦୁ ବିଦ୍ୟାଧର ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରକୁ ଏଡିଆର୍‌ଏମ୍ ମନୋଜ ସାହୁ, ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଜ୍ୟୋତି ଆର୍.କେ. ତିରଆରୁଲ ପରିଚାଳନା କରିଥିଲେ।


ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।


ଶନିବାର ଜୟପୁରରୁ ମାଲକାନଗିରି ଯାଉଥିବା ସରକାରୀ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ସୁନାନଗର ଘାଟିରେ ଓଲଟିପଡିଛି।

# ସୁନାନଗର ଘାଟିରେ ଓଲଟିଲା ବସ୍

**କୋରୁକୋଣ୍ଡା/କୁଡୁମୁଲୁଗୁମ୍ମା ୨୩।୭(ଡି.ଏନ୍. ଏ.)**

ଜୟପୁରରୁ ମାଲକାନଗିରି ଅଭିମୁଖେ ଯାତ୍ରା କରୁଥିବା ଏକ ସରକାରୀ ବସ୍ କୁଡୁମୁଲୁଗୁମ୍ମା ନିକଟସ୍ଥ ସୁନାନଗର ଘାଟିରେ ଶନିବାର ଭାରସାମ୍ୟ ହରାଇ ଓଲଟିପଡିଛି। ବସ୍‌ଟି ଦ୍ରୁତ ଗତିରେ ବାଲିମେଳା ଆଡ଼କୁ ଯାଉଥିବା ବେଳେ ସୁନାନଗର ଘାଟିରେ ହଠାତ୍ ଏକ ଛେଳି ପଲ ରାସ୍ତା ଉପରକୁ ଚାଲି ଆସିବାରୁ ଡ୍ରାଇଭର ଏହି ଛେଳପଲକୁ ବଞ୍ଚାଇବାକୁ ଯାଇ ବ୍ରେକ ଦେବାରୁ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା। ଖବର ପାଇ କୁଡୁମୁଲୁଗୁମ୍ମା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଜଣ ଯାତ୍ରୀ ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କୁ ସାମାନ୍ୟ ଆଘାତ ଲାଗିଥିବା ଡାକ୍ତର ସୂଚନା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରି ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ପଚରାଉଚରା କରୁଛି।

# କୋରାପୁଟରେ ୧୧ କରୋନା ପଜିଟିଭ ଚିହ୍ନଟ

**କୋରାପୁଟ, ୨୩।୭(ସ୍ୱ.ପ୍ର.)**-

କୋରାପୁଟ ଜିଲାରେ ଶନିବାର ପୁଣି ୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୫ ଜଣ ମହିଳା ଓ ୬ ଜଣ ପୁରୁଷ ଥିବା ଜଣାଯାଇଛି । ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୫ ଜଣ ଚିହ୍ନଟ ହୋଇଥିବାବେଳେ ଲକ୍ଷ୍ମୀପୁର ବ୍ଲକରୁ ୨, ଜୟପୁର ବ୍ଲକରୁ ୨ ଓ କୋରାପୁଟ ବ୍ଲକ ଅଞ୍ଚଳରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦିନକୁ ଦିନ କରୋନା ବଢୁଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ଜିଲାପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ଜୟପୁର, ୨୩।୭ (ନି.ପ୍ର.)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଜୟପୁର ଉପଖଣ୍ଡୀୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ବ୍ଲକର କ୍ରିୟାଶୀଳ ସମସ୍ତ ଅନୁବନ୍ଧିତ ସଙ୍ଗଠନ ଆଶାକର୍ମୀ, ଅଙ୍ଗନୱାଡ଼ି, ଏମ.ଇ.ପି.ଆର.ଏଲ, ସେବା ପେପର, ପୌର ସଂସ୍ଥା, ଓମଫେଡ, ପ୍ରଭାତ ଗୁଡାଖୁ, ସ୍ୱାବଲମ୍ବୀ କାରୀଗର ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ତାରାପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ସୁଧାଂଶୁ ପାଢୀ, ସମ୍ମାନିତ ଅତିଥି ରୂପେ ଅନ୍ୟମାନଙ୍କ ମଧ୍ୟରେ ଏନ.ଭି ସ୍ୱାମୀ, ଜହର ଚୌଧୁରୀ, ରାଧାକାନ୍ତ ରଥ, ପରମେଶ୍ୱର ଉପାଧ୍ୟାୟ, ଭଗବାନ ଚୌଧୁରୀ, ଉମାଚରଣ ପାଣିଗ୍ରାହୀ, ରବି ନାରାୟଣ ସେଠୀ, ହରିହର ନାୟକ, ଅହଲ୍ୟା ବାଇ, ସ୍ୱର୍ଣ୍ଣଲତା ପାତ୍ର, ଗାଙ୍ଗୀ ପାଲ, ଭବାନୀ ପୁଜାରୀ, ସବିତା ପାଣିଗ୍ରାହୀ, ସ୍ୱପ୍ନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ଉଦ୍ଦେଶ୍ୟ, ଇତିହାସ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ।

# ଆଣ୍ଟି ରାଗିଂ ନେଇ ସଚେତନତା କାର୍ଯ୍ୟକ୍ରମ

**ଜୟପୁର, ୨୩।୭(ନି.ପ୍ର.)**

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଣ୍ଟି ରାଗିଂ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଗୋପାଳ ହାଲ୍‌ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ରାଗିଂ ନ କରିବାକୁ ପରାମର୍ଶ ଦେଇଥିଲେ। ଭଲ ପାଠ ପଢ଼ି ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିବାକୁ କହିଥିଲେ। ଅଧ୍ୟକ୍ଷ ଡ. ହାଲ୍‌ଦାର ରାଗିଂ ଭଳି ଆପରାଧିକ କାର୍ଯ୍ୟକଳାପ ଶିକ୍ଷା ଅନୁଷ୍ଠାନରେ ସର୍ବଦା ବର୍ଜନୀୟ ବୋଲି ମତ ଦେଇଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ଅନ୍ୟତମ ଅତିଥି ଅଧାପକ ଡ. ମନୋରଞ୍ଜନ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ରାଗିଂର ସଂଜ୍ଞା, ଏହାଦ୍ୱାରା ନବାଗତ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିବା କୁପ୍ରଭାବ ଏବଂ ଏହା କରୁଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ରେ ରହିଥିବା ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସହଯୋଗୀ ପ୍ରଫେସର ଡ. ସୁଚିତ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ଅପହରଣ ଅଭିଯୋଗ, ଜଣେ ଅଟକ

**କୋରୁକୋଣ୍ଡା, ୨୩।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଆର୍ଦ୍ଦଶ ଥାନା ଅଧୀନ କୋରୁକୋଣ୍ଡା ନିକଟସ୍ଥ ଇନ୍ଦିରା କଲୋନିର ଜଣେ ଯୁବତୀ(୨୦)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଜଣେ ଯୁବକଙ୍କୁ ଧରିଆଣି ଅଟକ ରଖିଛି। ଖବରରୁ ଜଣାପଡିଛି, ୨୦ ତାରିଖ ରାତି ସାଢେ ୧୦ଟାରେ ଇନ୍ଦିରା କଲୋନିର ସମ୍ପୃକ୍ତା ଯୁବତୀ ଜଣକ ଘର ନିକଟରେ ଛିଡ଼ା ହୋଇଥିବା ବେଳେ କୋରୁକୋଣ୍ଡା ଗ୍ରାମର କାର୍ତ୍ତିକ ଜାନି ଓ ଅନ୍ୟ ଜଣେ ଯୁବକ ବାଇକ୍ ଯୋଗେ ଆସି ତାଙ୍କୁ ଅପହରଣ କରି ନେଇଥିଲେ। ଏହା ଜଣିବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରାତି ୧୨ଟାରେ ଅଗ୍ନିଶମ କେନ୍ଦ୍ର ନିକଟସ୍ଥ କେନାଲ ପାଖରେ ଯୁବତୀ ଜଣକ ପାଟିରେ କପଡ଼ା ବନ୍ଧାହୋଇ ଅଚେତ୍ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ । ସେଠାରେ କାର୍ତ୍ତିକଙ୍କ ବାଇକ୍ ମଧ୍ୟ ଥିବା ସେମାନେ ଦେଖିବାକୁ ପାଇଥିଲେ। ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସନ୍ଦେହକରି ପରିବାର ଲୋକେ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏନେଇ ୪୧୫/୨୨ରେ ଏକ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତା ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି। ସୂଚନାଯୋଗ୍ୟ, ଯୁବତୀ ଜଣକ ମାନସିକ ବିକାରଗ୍ରସ୍ତ ବୋଲି ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି।

# କୋରାପୁଟରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମୀକ୍ଷା


ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମୀକ୍ଷା ବୈଠକରେ ସୂଚନା ଦେଉଛନ୍ତି।

**କୋରାପୁଟ, ୨୩।୭(ସ୍ୱ.ପ୍ର.)**

## ଦଶମନ୍ତପୁର ଝାଡ଼ାବାନ୍ତି ଘଟଣା

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଶନିବାର କୋରାପୁଟ ଜିଲା ଗସ୍ତରେ ଆସି ଦଶମନ୍ତପୁର ଯାଇ ସେଠାରେ ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେ ଶନିବାର କୋରାପୁଟଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଯୁଗ୍ମ ନିର୍ଦ୍ଦେଶକ ଡା. ଅଶୋକ ପାଇକରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ ପାଢ଼ୀ, ଡା. ସୁଶାନ୍ତ ଦାସ, ସ୍ୱାସ୍ଥ୍ୟ ମିଶନ ଡିପିଏମ ଶୁଭକାନ୍ତ ଗନ୍ତାୟତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଦଶମନ୍ତପୁର ବ୍ଲକର ଛତାଆମ୍ବ ଓ ହାତୀମୁଣ୍ଡା ଗ୍ରାମକୁ ଯାଇ ସେ ସ୍ଥିତି ଅନୁଧ୍ୟାନ କରିଥିବା ବୈଠକରେ ସୂଚନା ଦେଇ ଉକ୍ତ ଅଞ୍ଚଳର ଜଳ ଉତ୍ସ ବିଶୋଧନ କରାଯିବା ସହ ପରୀକ୍ଷା କରାଯାଇଛି। ୩ଟି ସ୍ଥାନରେ ମେଡିକାଲ କ୍ୟାମ୍ପ କରାଯାଇ ଚିକିତ୍ସା କରାଯାଉଥିବା ଏବଂ ସେଥିରୁ ସୁଫଳ ମିଳୁଥିବା ସେ ପ୍ରକାଶ କରିଥିଲେ।

## ଆକ୍ରାନ୍ତଙ୍କ ସଂଖ୍ୟା ୩୯କୁ ବଢ଼ିଲା

**ଦଶମନ୍ତପୁର, ୨୩।୭(ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଝାଡ଼ାବାନ୍ତି କମିବା ନାଁ ଧରୁନାହିଁ। ଶୁକ୍ରବାର ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୩୭ ଥିବା ବେଳେ ଶନିବାର ଆଉ ୨ ବୃଦ୍ଧି ପାଇ ୩୯ରେ ପହଞ୍ଚିଛି। ୨ ଆକ୍ରାନ୍ତ ହେଲେ ଡୁମ୍ବାଗୁଡ଼ା ପଞ୍ଚାୟତ ସଦରର ବଳରାମ ନାୟକଙ୍କ ୨ ବର୍ଷର ଶିଶୁ ଚନ୍ଦନ ଏବଂ ନବୀନ ନାୟକଙ୍କ ସ୍ତ୍ରୀ ନୀଳା। ଏହି ୨ ଜଣଙ୍କୁ ବିପିଏମ୍ ଶ୍ରୀକାନ୍ତ ଦାସ ଦଶମନ୍ତପୁର ଡାକ୍ତରଖାନାକୁ ଆଣିଛନ୍ତି ବୋଲି ଡାକ୍ତର ଶ୍ରୀରାମ ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ ୭ ଜଣ ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶୋକ ପାଇକରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀ ପ୍ରମୁଖ ଗିର୍ଲିଗୁମ୍ମା ଓ ଡୁମ୍ବାଗୁଡା ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଗ୍ରାମର ସ୍ଥିତି ଅନୁଧ୍ୟାନକରି ଫେରିଛନ୍ତି।


ଚିକିତ୍ସାଧୀନ ଥିବା ଜଣେ ରୋଗୀ।

# ବର୍ଷା ଆରମ୍ଭରୁ ବ୍ୟାପିଲାଣି ଝାଡ଼ାବାନ୍ତି

## ୪ ଦିନରେ ୧୬ ଆକ୍ରାନ୍ତ, ଜଣେ ମୃତ


ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ବର୍ଷାଦିନ ଆରମ୍ଭରୁ ହିଁ ଦକ୍ଷିଣ ଓଡ଼ିଶାର ୩ ପ୍ରମୁଖ ଜିଲା ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁରରେ ଝାଡ଼ାବାନ୍ତି ବ୍ୟାପିଛି। ରାୟଗଡ଼ା ଜିଲା କାଶୀପୁରରେ ଭିବ୍ରିଓ କଲେରାରେ ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି କୋରାପୁଟ ଜିଲା ଦଶମନ୍ତପୁରରେ ୨ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୯ରେ ପହଞ୍ଚିଛି। ଏହାପରେ ଏବେ ନବରଙ୍ଗପୁର ଜିଲାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଲାଣି। ଝରିଗାଁ ଅଞ୍ଚଳର ଜଣେ ମହିଳାଙ୍କ ୨ଦିନ ତଳେ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିଲା। ଏହାପରେ ନନ୍ଦାହାଣ୍ଡି ବ୍ଲକ ଖଡ଼ିଆଗୁଡା ଗ୍ରାମରେ ମଧ୍ୟ ଜଣେ ବ୍ୟକ୍ତିଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ସେଠାରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଅନ୍ୟ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛି। ସଚେତନତା ଅଭାବ ହିଁ ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ। ଲୋକେ ଆକ୍ରାନ୍ତ ହେବା ପରେ ସଙ୍ଗେସଙ୍ଗେ ଚିକିତ୍ସା ନ କରାଇ ବିଭିନ୍ନ ଚେରମୂଳି ଉପରେ ଭରସା କରି ରହୁଛନ୍ତି। ଡେରିରେ ଡାକ୍ତରଖାନା ଯାଉଥିବାରୁ ଗୁରୁତରଙ୍କ ସଂଖ୍ୟା ବଢୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଟିମ୍ କହିଛି। ଅପରିଷ୍କାର ଟାଙ୍କି ପାଣି ପିଇ ରୋଗ ବ୍ୟାପୁଛି। ତେଣୁ ଟାଙ୍କି ସଫା ନ ହେବା ପର୍ଯ୍ୟନ୍ତ ପାଣିକୁ ଫୁଟାଇ ପିଇବାକୁ ନନ୍ଦାହାଣ୍ଡିକୁ ଯାଇଥିବା ଡାକ୍ତରୀ ଟିମ୍ ସ୍ଥାନୀୟ ଲୋକଙ୍କୁ ସଚେତନ କରିଛି।

ନନ୍ଦାହାଣ୍ଡି,୨୩।୭(ଡି.ଏନ୍.ଏ)

୪ ଦିନ ହେବ ନନ୍ଦାହାଣ୍ଡି ବ୍ଲକ ଖଡ଼ିଆଗୁଡା ଗ୍ରାମରେ ବ୍ୟାପିଛି ଝାଡାବାନ୍ତି। ୨ ଦିନ ପୂର୍ବରୁ ଗ୍ରାମର ଥବିର ମାଝି ନାମକ ଜଣେ ବ୍ୟକ୍ତି ଆକ୍ରାନ୍ତ ହୋଇ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିଭଳି ଗ୍ରାମର ଅନ୍ୟ ୧୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବରପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ବିକାଶ ବାରିକଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆକ୍ରାନ୍ତଙ୍କୁ ଚିହ୍ନଟ କରି ଚିକିତ୍ସା କରିଛନ୍ତି।

### ଦକ୍ଷିଣ ଓଡ଼ିଶାର ୩ ଜିଲାରୁ ୧୨ ଜଣଙ୍କ ମୃତ୍ୟୁ

ଏଥିସହ ଗ୍ରାମରେ ବିଶୋଧକ ସିଞ୍ଚନ କରାଯାଇଛି। ଲୋକଙ୍କୁ ପାଣି ଫୁଟାଇ ପିଇବା ପାଇଁ ପରାମର୍ଶ ଦିଆଯାଇଛି। ଅନେକଙ୍କ ରେକଟାଲ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି। ଗାଁର କୂଅ ଓ ନଳକୂପର ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଆଗକୁ ଝାଡ଼ାବାନ୍ତି ଯେପରି ନ ବ୍ୟାପେ, ସେଥିପାଇଁ ଡାକ୍ତରୀ ଦଳ ସଜାଗ ଅଛନ୍ତି। କିଛିଦିନ ଡାକ୍ତରୀ ଦଳ ସେଠାରେ ରହି ସ୍ଥିତି ଅନୁଧ୍ୟାନ କରି ରୋଗୀ ଚିହ୍ନଟ ସହ ଚିକିତ୍ସା କରିବେ ବୋଲି ଡାକ୍ତର ବିକାଶ ବାରିକ ସୂଚନା ଦେଇଛନ୍ତି।


ଖଡ଼ିଆଗୁଡା ଗ୍ରାମରେ ଫୁଟାପାଣି ପିଇବା, ପରିଷ୍କାର ରହିବାକୁ ସଚେତନ କରାଯାଉଛି ।

## ପାଣିଟାଙ୍କିରେ ପୋକ ସାଲୁବାଲୁ: କଂଗ୍ରେସ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ନବରଙ୍ଗପୁର,୨୩।୭(ବି.ପ୍ର.)

ରାୟଗଡ଼ା ପରେ ନବରଙ୍ଗପୁର ଜିଲାରେ ବ୍ୟାପିଛି ଝାଡ଼ାବାନ୍ତି। ଏଥିରେ ନନ୍ଦାହାଣ୍ଡି ବ୍ଲକ ଖଡ଼ିଆଗୁଡା ଗ୍ରାମର ୧୬ ଜଣ ଆକ୍ରାନ୍ତ ହୋଇଛନ୍ତି। ୨ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଜିଲା କଂଗ୍ରେସ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ଆୟୁଷ ଡାକ୍ତର ଅଙ୍ଗନୱାଡି କେନ୍ଦ୍ରରେ ଚିକିତ୍ସା କରୁଛନ୍ତି। ଆଉ କେତେଜଣଙ୍କ ଜୀବନ ଯିବ କେହି ଜାଣିନାହାନ୍ତି। ୨୪ ଘଣ୍ଟା ପରେ ପ୍ରଶାସନ ଉକ୍ତ ଗାଁ ପ୍ରତି ଦୃଷ୍ଟି ନ ଦେଲେ ବ୍ଲକ ଘେରାଉ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି।

ଗୋଟିଏ ପରିବାରର ସୁଭଦ୍ରା ମାଝି ଓ ଥାବିର ମାଝିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ୪ ବର୍ଷର ଶିଶୁ ଝରଣା ମାଝିଙ୍କ ଚିକିତ୍ସା ଚାଲିଛି। ଅଙ୍ଗନୱାଡି ପକ୍ଷରୁ ଖାଦ୍ୟ ଦିଆଯାଇନାହିଁ। ପାଣିଟାଙ୍କିରେ କଳା ହୋଇ ୨ ଇଞ୍ଚର ଆସ୍ତରଣ ରହିଛି। ଅଙ୍ଗନୱାଡି କେନ୍ଦ୍ରରେ ରହିଥିବା ପାଣିଟାଙ୍କିର ଘୋଡ଼ଣି ନାହିଁ। ପାଣିରେ ଧୂଳି ଓ ପୋକ। ଗାଁ ପରିବେଶ କାଦୁଅ ଓ ଚାରିପାଖ ଗୋବର ଦୁର୍ଗନ୍ଧର ବାତାବରଣ। ଏଯାଏ ପ୍ରଶାସନିକ ଅଧିକାରୀ, ବିଧାୟକ କି ଶାସକ ଦଳର ନିର୍ବାଚିତ ପ୍ରତିନିଧିଙ୍କ ପାଦ ସେଠାରେ ପଡ଼ିନାହିଁ। ବ୍ଲକ ସଦର ମହକୁମାରୁ ମାତ୍ର ୪ କିମି ଦୂରରେ ଏହି ଗାଁ ରହିଥିବା ବେଳେ ବିଡିଓ ଏବଂ ବ୍ଲକ କର୍ମଚାରୀ ଆସିନାହାନ୍ତି। ବ୍ଲକ କାର୍ଯ୍ୟାଳୟର ପ୍ରାକୃତିକ ବିପର୍ଯ୍ୟୟ ନିୟନ୍ତ୍ରଣ କକ୍ଷ ଏଯାଏ ଖୋଲାଯାଇନାହିଁ। ଏବେ ଖଡ଼ିଆଗୁଡା ଦ୍ୱିତୀୟ କାଶୀପୁର ହେଲାଣି ବୋଲି ଜିଲା ସଭାପତି ତ୍ରିପାଠୀ କହିଛନ୍ତି। ସରକାର ଆଦିବାସୀଙ୍କୁ ମରଣମୁହଁକୁ ଠେଲୁଛନ୍ତି ବୋଲି ପୂର୍ବତନ ବିଧାୟକ ଭୁଜବଳ ମାଝି କହିଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ବ୍ୟାପକ ଅର୍ଥ ଆସୁଛି। ୨୨ ବର୍ଷର ବିଜେଡି ସରକାର ଗାଁକୁ ବିଶୁଦ୍ଧ ପାଣି ଯୋଗାଇବାରେ ଅସମର୍ଥ। ଡାକ୍ତର ନିଯୁକ୍ତ କରୁନାହାନ୍ତି। ଅନେକ ପଦବୀ ଖାଲିପଡ଼ିଛି। ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସରକାର ଅସମର୍ଥ ବୋଲି ସେ କହିଛନ୍ତି। ସ୍ୱଚ୍ଛ ଭାରତ ମିଶନ ନାଁରେ ବ୍ୟକ୍ତିଗତ ପାଇଖାନାରେ ବ୍ୟାପକ ଦୁର୍ନୀତି ହୋଇଛି। ଯାହାବି ନିର୍ମାଣ କରାଯାଇଛି ତାହା ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ନଳକୂପର ପିଣ୍ଡି ନାହିଁ। ରାସ୍ତାଘାଟ କାଦୁଅ ଓ ଆବର୍ଜନାରେ ଭର୍ତ୍ତି ବୋଲି ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିସିସି ସଭ୍ୟ ଦିଲୀପ ବେହେରା, ଅବ୍ଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ଡାବୁଗାଁ, ୨୩।୭ (ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ କେନ୍ଦୁପତ୍ର ଚୋରା ଚାଲାଣ ଅଭିଯୋଗରେ ଗୁରୁବାର ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ ବସ୍ତର ଜିଲା ଜଗଦଲପୁର ଅଞ୍ଚଳର ଅବଦୁଲ ସାମିଜ ଖାନ (୫୪) ଓ ବିହାରର ବେତିଆ ଜିଲା ଅଧୀନ ପଶ୍ଚିମ ଚମ୍ପାରନ ଅଞ୍ଚଳର ଉପେନ୍ଦ୍ର ଯାଦବ (୩୩)। ବୁଧବାର କେନ୍ଦୁପତ୍ର ଚୋରା ଚାଲାଣ ନେଇ ଖବରପାଇ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ପ୍ରସନ୍ନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ପାପଡ଼ାହାଣ୍ଡି, ଡାବୁଗାଁ କେନ୍ଦୁପତ୍ର ବିଭାଗ, ଡାବୁଗାଁ ନବରଙ୍ଗପୁର ବନ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲା। ରାତିରେ ହିର୍ଲି ଓ ତୁମ୍ଭର୍ଲା ରାସ୍ତାରେ ଟ୍ରକ୍ (ସିଜି-୧୭ଏସ୍ଏସ୍-୪୪୫୫) କେନ୍ଦୁପତ୍ର ବୋଝେଇ କରି ଆସୁଥିବା ସମୟରେ ଉକ୍ତ ଟିମ୍ ଅଟକାଇ ଯାଞ୍ଚ କରିଥିଲା। ଏହାକୁ ଜବତକରି ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଥିରେ ଥିବା ୧୫୦ ବସ୍ତାର କେନ୍ଦୁପତ୍ର ଜବତ କରାଯାଇଛି। ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ. ୫୭/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ, ନବରଙ୍ଗପୁର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଳିତ ସ୍ୱାଇଁ, ଡାବୁଗାଁ ବନାଞ୍ଚଳ ଅଧିକାରୀ (କେନ୍ଦୁପତ୍ର) ଖଗପତି ପୂଜାରୀ, ପାପଡ଼ାହାଣ୍ଡି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ (କେନ୍ଦୁପତ୍ର) ଗବାରୁ ଭତ୍ରା, ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ ସାମିଲ ଥିଲେ।

## ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇଲେ ରାୟଗଡ଼ା ଜିଲା ପ୍ରଭାରୀ

ଚନ୍ଦାହାଣ୍ଡି, ୨୩।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବାସିନ୍ଦା ତଥା ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ ତାଙ୍କ ଆକାଉଣ୍ଟକୁ ଭୁଲ୍‌ବଶତଃ ଆସିଥିବା ୮, ୬୭,୦୫୬ଟଙ୍କା ଫେରସ୍ତ କରିଛନ୍ତି। ତାଙ୍କର ଏହି ମହାନତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଗୋବିନ୍ଦ ଜୈନଙ୍କ ଚନ୍ଦାହାଣ୍ଡିସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟକୁ ଗୁରୁବାର ଅପରାହ୍ନରେ ପ୍ରଥମେ ୪, ୨୭, ୮୬୬ ଟଙ୍କା ଓ ପରେ ୪,୩୯, ୧୯୦ଟଙ୍କା ଆସିଥିଲା। ଏତେ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେତେବେଳକୁ ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ସେ ବ୍ୟାଙ୍କକୁ ଯାଇ ଟଙ୍କା କେଉଁଠାରୁ ଆସିଲା ସେ ସମ୍ପର୍କରେ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ତ ଟଙ୍କା ଆଜମେର ନଗର ନିଗମରୁ ଆସିଛି ବୋଲି ଜଣାପଡ଼ିଥିଲା। ପରେ ଯେଉଁ ବ୍ୟାଙ୍କରୁ ଏହି ଟଙ୍କା ଆସିଥିଲା ସେହି ବ୍ୟାଙ୍କର ଶାଖା ପରିଚାଳକଙ୍କ ସହ ଆଲୋଚନା କରିବା ପରେ ଗୋବିନ୍ଦ ଜୈନ ସମସ୍ତ ଟଙ୍କା ଫେରାଇ ଦେଇଥିଲେ।

### ଭୁଲ୍‌ରେ ଆଜମେର ନଗର ନିଗମରୁ ତାଙ୍କ ଆକାଉଣ୍ଟକୁ ଆସିଥିଲା ଟଙ୍କା


ବିଓବି ଶାଖା ପରିଚାଳକଙ୍କ ସହ ଗୋବିନ୍ଦ ଟଙ୍କା ଫେରସ୍ତ ନେଇ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ଜଙ୍ଗଲ ଏଫ୍‌ଆର୍‌ସି କମିଟି ଗଠିତ

ତେନ୍ତୁଳିଖୁଣ୍ଟି,୨୩।୭(ଡି.ଏନ୍.ଏ.)- ତେନ୍ତୁଳିଖୁଣ୍ଟି, ଝରିଗୁମା ରାଜସ୍ୱ ସର୍କଲ ୧୨ଟି ୱାର୍ଡକୁ ନେଇ ଏଫ୍‌ଆର୍‌ସି କମିଟି ଗଠନ କରାଯାଇଛି। ନୂଆ ସଭାପତି, ସେକ୍ରେଟାରିଙ୍କ ସହ ୧୫ ଜଣ କମିଟି ମେମ୍ବର ଗଠନ କରାଗଲା। ରାଜୀବ ଲୋଚନ ମାଝି ସଭାପତି, ସଦନ ଜାନି ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ଝରିଗୁମ୍ମା ରାଜସ୍ୱ ନିରୀକ୍ଷକ ସିଦ୍ଧାର୍ଥ ପଟ୍ଟନାୟକ, ଝରିଗୁମା ସରପଞ୍ଚ ମନ ମୋହନ ଦଳପତି, ଜିଆର୍‌ଏସ୍ ଶରଦ ବିଷୋୟୀ, ରାଜେନ୍ଦ୍ର ମହାପାତ୍ର, ଅନୀଲ ବିଷୋୟୀ, ସତ୍ୟ ହରିଜନ, ଉମା ହରିଜନ, ବୁଦନ ହରିଜନ,ପ୍ରସନ୍ନ ପାଣି ଉପସ୍ଥିତ ଥିଲେ। ମଙ୍ଗରଦରା ସ୍କୁଲକୁ ପଟ୍ଟା ପ୍ରଦାନ କରିବା ପାଇଁ ତହସିଲକୁ ଆବେଦନ କରିବାକୁ ନିଷ୍ପତ୍ତି ନିଆଗଲା।

### ସମ୍ମାନିତ ହେବେ ଆଇନଜୀବୀ ସନ୍ତୋଷ



ନବରଙ୍ଗପୁର,୨୩।୭(ବି.ପ୍ର.)-ଆସନ୍ତା ୨୬ରେ ଓଡିଶା ହାଇକୋର୍ଟର ପ୍ରତିଷ୍ଠା ଦିବସରେ ରାଜ୍ୟର ୨୨ ଜଣ ଆଇନଜୀବୀଙ୍କୁ ସମ୍ମାନୀତ କରାଯିବ। ଓଡିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ପ୍ରସ୍ତୁତ ତାଲିକାରେ ନବରଙ୍ଗପୁର ଜିଲାର ଆଇନଜୀବୀ ସନ୍ତୋଷ କୁମାର ନାୟକ ଶୃଙ୍ଖଳିତ ଆଇନଜୀବୀ ଭାବେ ସମ୍ମାନିତ ହେବେ। ତାଙ୍କୁ ପ୍ରମିଜିଙ୍ଗ ଲୟର୍ସ ଅଫ ଦ ଇଅର ଆୱାର୍ଡ ୨୦୨୧ ପ୍ରଦାନ କରାଯିବ। ଏନେଇ ଆସନ୍ତା ୨୬ ତାରିଖରେ ଓଡିଶା ଜୁଡିସିଆଲ ଏକାଡେମୀରେ ଅପରାହ୍ନ ୫ଟାରେ ଉପସ୍ଥିତ ରହିବାକୁ ଚିଠି ମାଧ୍ୟମରେ ଆଇନଜୀବୀ ନାୟକଙ୍କୁ ଜଣାଯାଇଛି।

## ମନ୍ଦିର କାମ ପାଇଁ ଆସିଥିବା ୨ଲକ୍ଷ ଟଙ୍କା ଆତ୍ମସାତ୍

ତେନ୍ତୁଳିଖୁଣ୍ଟି, ୨୩।୭(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ ଶିବ ମନ୍ଦିର ମରାମତି ନିମନ୍ତେ ବିଧାୟକଙ୍କ ପାଣ୍ଠିରୁ ଆସିଥିବା ୨ଲକ୍ଷ ଟଙ୍କା ମନ୍ଦିର କାମରେ ଖର୍ଚ୍ଚ ହୋଇନି। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ବିଲ୍ ଉଠାଇ ଦେଇଥିବା ଅଭିଯୋଗ କରିଛନ୍ତି ମନ୍ଦିର ପୂଜକ ବିଭୁ ପଦାରବିନ୍ଦ ରଥ।

ମନ୍ଦିରର ପୁନଃ ନିର୍ମାଣ ଆରମ୍ଭରୁ ଆଜିଯାଏ ଖର୍ଚ୍ଚ ହୋଇଥିବା ଟଙ୍କାର ଆଦାୟ ଉତ୍ସ ଓ ଖର୍ଚ୍ଚର ବିବରଣୀ ପାଖରେ ଅଛି। ଭକ୍ତଙ୍କଠାରୁ ଟଙ୍କା ମାଗି ବିକାଶ କାର୍ଯ୍ୟ କରୁଛି। ଏବେ ମଧ୍ୟ ମନ୍ଦିରର ଗେଟ୍ ଆଦି ଲଗାଇ ଅର୍ଥ ଦେବାକୁ ବାକି ଅଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମନ୍ଦିରକୁ ଆସି ପାଣ୍ଠି ଦେବା ପ୍ରତିଶ୍ରୁତି ଦେଇଥିଲେ। ଟଙ୍କା ଆସି ବିଲ୍ ଉଠିଲାଣି, କିନ୍ତୁ ସେ ଖବର ଆମ ପାଖରେ ନାହିଁ। ମନ୍ଦିର କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ନ କରି ୨ ଲକ୍ଷ ଟଙ୍କା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଆତ୍ମସାତ୍ କରିଦେଇଛନ୍ତି ବୋଲି ପୂଜକ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟ ହେଉଥିବା ସ୍ଥଳରେ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ଲଗାଇବାକୁ ସରକାରୀ ନିୟମ ରହିଛି। କିନ୍ତୁ ସମସ୍ତଙ୍କ ଅଗୋଚରରେ ମନ୍ଦିର ପଛପଟରେ ସୂଚନାଫଳକ ଲଗାଯାଇଛି। ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ଥିବାବେଳେ କାର୍ଯ୍ୟ ଶେଷ ତାରିଖ ଉଲ୍ଲେଖ କରାଯାଇନାହିଁ ବୋଲି ପୂଜକଙ୍କ ସମେତ ସୋନାଇ ସାନ୍ତା, ବିଭୁ ପଦାରବିନ୍ଦ ରଥ, ସ୍ଲୋଖ୍ମି ଚନ୍ଦ୍ର ଗୌଡ଼, ଅଭି ଗୌଡ଼, ରଘୁ ପାଙ୍ଗୀ, ବିଭୂତି ସ୍ୱାଇଁ, ହଳଧର ନାୟକ, ପ୍ରତାପ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରୋଜ ପଟ୍ଟନାୟକଙ୍କୁ ପଚାରିବାରୁ ମନ୍ଦିର କାମ ଚାଲିଛି। ମନ୍ଦିର କମିଟି କାମ ବୁଝୁଥିଲେ କହିବାରୁ ମୁଁ ବିଲ୍ କରିଛି ବୋଲି ଯନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ତଦନ୍ତ କଲେ ସତ୍ୟାସତ୍ୟ ଉନ୍ମୋଚନ ହେବ। କେବଳ ଦାନ ଅର୍ଥରେ ପୂଜକଙ୍କ ତତ୍ତ୍ୱାବଧାନରେ କାମ ଚାଲିଥିବାବେଳେ ତାଙ୍କୁ ନ ଜଣାଇ କିଭଳି ଓ କାହିଁକି ବିଲ୍ କରାଗଲା, ତାହାର ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି।

■ ଅଭିଯୋଗ ଆଣିଲେ ପୂଜକ

■ କହିଲେ, ଭକ୍ତଙ୍କ ଟଙ୍କାରେ କାମ ହୋଇଛି


ମନ୍ଦିର କାମର ସୂଚନା ଫଳକ ।

## ଭାଜପାର ପଦଯାତ୍ରା

କୋଷାଗୁମୁଡ଼ା,୨୩।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ଶୁକ୍ରବାର କୋଷାଗୁମୁଡା ସଦର ମହକୁମାରେ ବିଜୟ ଉତ୍ସବ ପାଳନ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ସହର ପରିକ୍ରମା କରାଯାଇଛି। ଭାଜପା ପକ୍ଷରୁ ବିଭିନ୍ନ ପ୍ରକାର ନାରାବାଜି ସହ ବାଣ ଫୁଟାଇ ଉତ୍ସବ ପାଳନ କରାଯାଇଥିଲା। ଜଣେ ଆଦିବାସୀ ମହିଳାଙ୍କୁ ଦଳ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିଲା। ଦ୍ରୌପଦୀ ରାଷ୍ଟ୍ରପତି ମଧ୍ୟ ହୋଇଛନ୍ତି। ତେଣୁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ଜିଲା ସମ୍ପାଦକ ସିମାଞ୍ଚଳ ବିଷୋୟୀ, ପଦ୍ମନ ନାୟକ, ସନ୍ତୋଷ ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ହରେକୃଷ୍ଣ ପ୍ରଧାନ, ବାବୁଲା ଦାସ, ଧନୁର୍ଜୟ ବେହେରା ଓ ଭାଜପା ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଆମ୍ବଗଛରେ ଉପରେ ଭାଲୁ

ପାପଡ଼ାହାଣ୍ଡି, ୨୩।୭ (ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ରତିଗୁଡ଼ା ଗ୍ରାମର କାଜୁ ବଗିଚାରେ ଏକ ଆମ୍ବଗଛ ଉପରେ ଭାଲୁ ବସି ରହିଛି। ଏହା ଦେଖିବା ପରେ ଗାଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ମୁତାବକ ଶନିବାର ଭୋରରେ ଏକ ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଥିଲା। ଗ୍ରାମବାସୀଙ୍କୁ ଦେଖି ଭାଲୁଟି ଗାଁର କାଜୁବଗିଚାରେ ଥିବା ଆମ୍ବଗଛ ଉପରେ ଚଢ଼ିଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଛନ୍ତି। ଗତ କିଛି ଦିନତଳେ ମଇଦଲପୁର ଅଞ୍ଚଳରେ ଏକ ଭାଲ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ନଜରକୁ ଆସିଥିଲା। ଏହି କାରଣରୁ ବନ ବିଭାଗ କର୍ମଚାରୀ ଲୋକଙ୍କ ସୁରକ୍ଷା ପାଇଁ ସେଠାରେ ଜଗି ରହିଛନ୍ତି। ଗାଁ ଲୋକଙ୍କୁ ଭାଲୁ ପାଖକୁ ନ ଯିବା ସହ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଭାଲୁଟି ଗଛରେ ହିଁ ରହିଛି।

## ଆଦିବାସୀଙ୍କୁ ରୋଜଗାର ଯୋଗାଉଛି କରଡ଼ି

ଉମରକୋଟ,୨୩।୭(ସ୍ୱ.ପ୍ର.)

ଆଦିବାସୀମାନେ ନିଜ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ଋତୁ ଅନୁଯାୟୀ ଜଙ୍ଗଲରୁ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଖାଇବା ସହ ତାହାକୁ ବିକ୍ରିକରି କିଛି ଅର୍ଥ ମଧ୍ୟ ରୋଜଗାର କରିଥାନ୍ତି। ଏବେ ବର୍ଷାଋତୁରେ କରଡ଼ି ସେମାନଙ୍କ ରୋଜଗାର ମାଧ୍ୟମ ପାଲଟିଛି। ବର୍ଷା ଆରମ୍ଭ ହେଲେ ଜଙ୍ଗଲରେ ଥିବା ବାଉଁଶ ବୁଦାରୁ ବାଉଁଶ ଗଜା ବାହାରିଥାଏ। ଉକ୍ତ ବାଉଁଶ ଗଜାକୁ କରଡ଼ି କୁହାଯାଏ। ଏହାକୁ ଆଦିବାସୀ ମହିଳାମାନେ ସଂଗ୍ରହ କରି ତାହାକୁ କଟୁରିରେ ଛୋଟ ଛୋଟ କରି କାଟିଥାନ୍ତି। ଏହି କରଡ଼ିକୁ ବଜାରରେ ବିକ୍ରି କରାଯାଏ। ଅବିଭକ୍ତ କୋରାପୁଟରେ ଏହି କରଡ଼ିର ବେଶ୍ ଚାହିଦା ରହିଛି। କରଡ଼ିର ଗୋଟିଏ ଭାଗକୁ ପ୍ରାୟ ୨୦ ଟଙ୍କାରେ ବିକ୍ରି କରାଯାଏ। କରଡ଼ି ବିକ୍ରି କରି ମହିଳାମାନେ ୨ରୁ ୩ଶହ ପର୍ଯ୍ୟନ୍ତ ଟଙ୍କା ଉପାର୍ଜନ କରିଥାନ୍ତି। ଉମରକୋଟ ନିକଟସ୍ଥ ପୋଡାଗୋଡ଼ ଜଙ୍ଗଲରୁ ମହିଳାମାନେ କରଡ଼ି ସଂଗ୍ରହ କରନ୍ତି। କରଡ଼ି ଏକ ଗରିଷ୍ଠ ଖାଦ୍ୟ। କିନ୍ତୁ ଏଥିରେ ପ୍ରଚୁର ପରମାଣରେ କ୍ୟାଲ୍‌ସିୟମ ରହିଛି, ଯାହାକି ପାଚନ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। କରିଡ଼ରୁ ତିଆରି ଖାଦ୍ୟ ବେଶ୍ ସୁଆଦିଆ ହୋଇଥାଏ। ଏହାକୁ ନେଇ ଅନେକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରିବ। ତେଣୁ ଲୋକେ ଏହାକୁ ବେଶି କିଣିଥାନ୍ତି।


ବିକ୍ରି ହେଉଥିବା ବାଉଁଶ କରଡ଼ି ।

## ସ୍କୁଲ ପରିଚାଳନାକୁ ନେଇ ଲାଗିଛି ଦ୍ୱନ୍ଦ୍ୱ, ଚିନ୍ତାରେ ଅଭିଭାବକ

ତେନ୍ତୁଳିଖୁଣ୍ଟି, ୨୩।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗ ପଦର ପଞ୍ଚାୟତର ଖାତିଗଡ଼ାସ୍ଥିତ ଇନ୍ଦ୍ରାବତୀ ହାଇସ୍କୁଲରେ ରହିଛି ଅନେକ ସମସ୍ୟା। କିନ୍ତୁ ଏହି ସ୍କୁଲର ପରିଚାଳନା ଭାର ଜଳବିଦ୍ୟୁତ୍ ନିଗମ କିମ୍ବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାହା ପାଖରେ ରହିଛି ତାହାକୁ ନେଇ ଅଭିଭାବକ ଦ୍ୱନ୍ଦ୍ୱରେ। ତେଣୁ ସମସ୍ୟା ସମାଧାନ ନେଇ କେଉଁ ବିଭାଗକୁ ଯିବେ ତାହାକୁ ନେଇ ଅଭିଭାବକ ଚିନ୍ତାରେ।

ମୂଳତଃ ଜଳ ସମ୍ପଦ ବିଭାଗ ଦ୍ୱାରା ସ୍କୁଲଟି ଖୋଲାଯାଇଥିଲା। ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଆର୍ଥିକ ଅନୁଦାନରେ ବିଦ୍ୟାଳୟ ପରିଚାଳିତ ହୋଇ ଆସୁଥିଲା। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ସିଭିଲ ଉଇଂକୁ ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର ନେଇ ଜାନୁୟାରୀ ମାସରେ ନିଷ୍ପତ୍ତି ନିଆଗଲା। ଏହାପରେ ଜଳ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ୮ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବା ନେଇ ସ୍ଥିର କରିଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ଦିଗରେ କୌଣସି ନିଷ୍ପତ୍ତି ନେଇନାହିଁ। କେବଳ ନିୟମିତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବ୍ୟତୀତ ଅନ୍ୟ ଷ୍ଟାଫ୍ ଦରମା ପାଇବାରୁ ବଞ୍ଚିତ ଅଛନ୍ତି। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଦ୍ୱାରା ନିଯୁକ୍ତ ୩ ବିଜ୍ଞାନ ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକଙ୍କ ଚୁକ୍ତି ନବୀକରଣ କରାଯାଇନାହିଁ। ୪ମାସ ହେବ ସେମାନେ ଦରମା ପାଇ ନ ଥିବା ତଥା ଚୁକ୍ତି ନବୀକରଣ ହୋଇ ନ ଥିବାରୁ ସମ୍ପୃକ୍ତ ଶିକ୍ଷକମାନେ ସ୍କୁଲରେ ପାଠ ପଢ଼ାଉ ନାହାନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣ ସିଟି. ତାଲିମପ୍ରାପ୍ତ ଓ ୨ଜଣ ଅନ୍ୟ ଶିକ୍ଷକ ଅଛନ୍ତି। ୬ଷ୍ଠରୁ ୧୦ମ ଶ୍ରେଣୀରେ ୩୫୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ମାତ୍ର ୫ଜଣ ଶିକ୍ଷକ ଅଛନ୍ତି। ପରଜାବାରଙ୍ଗ ପଦର ପଞ୍ଚାୟତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ହାଇସ୍କୁଲ ନ ଥିବାରୁ ପଞ୍ଚାୟତର ୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଞ୍ଚାଗାଁ ପଞ୍ଚାୟତର ୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଉକ୍ତ ହାଇସ୍କୁଲରେ ନାମ ଲେଖାଇଥାନ୍ତି। ଏଣୁ ବୃହତ୍ତର ସ୍ୱାର୍ଥ ପାଇଁ ଇନ୍ଦ୍ରାବତୀ ହାଇସ୍କୁଲ କିଏ ପରିଚାଳନା କରିବ ତାହାର ନିଷ୍ପତ୍ତି ତୁରନ୍ତ ନିଆଯାଇ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ପୂରଣ କରିବା ପ୍ରୟାସ ହେଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ଅଜିତ ପାଣିଗ୍ରାହୀଙ୍କୁ ବିଦ୍ୟାଳୟର ଅଭିଭାବକମାନେ ଭେଟି ଶିକ୍ଷୟିତ୍ରୀ ଶିକ୍ଷକ ସମାଧାନ ପାଇଁ କହିବାରେ ସେ ପ୍ରଥମେ ନିଜର ଅସହାୟତା ବ୍ୟକ୍ତ କରିଥିଲେ। ଜଳ ସମ୍ପଦ ବିଭାଗକୁ ବିଦ୍ୟାଳୟ ପରିଚାଳନା ସମ୍ପର୍କିତ ସ୍ପଷ୍ଟୀକରଣ ମାଗିବେ, ତା'ପରେ ସମାଧାନ କରିବେ ବୋଲି ସେ କହିଛନ୍ତି। ଏ ନେଇ ସେ ଏକ ମାସ ମହଲତ ମାଗିଛନ୍ତି। ବିଦ୍ୟାଳୟର ଏଭଳି ସ୍ଥିତି ଜାରି ରହିଲେ ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ବିଦ୍ୟାଳୟର ସ୍ୱୀକୃତି ବାତିଲ ହେବା ଆଶଙ୍କା ରହିଛି। ଏପରି ହେଲେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେନାହିଁ। ପଞ୍ଚାୟତର ଏକ ମାତ୍ର ହାଇସ୍କୁଲ ହୋଇଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଜ ଆଡୁ ପଦକ୍ଷେପ ନେବା ଉଚିତ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସ୍କୁଲ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

### ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ

■ ପରିଚାଳନା ଦାୟିତ୍ୱ ଜଳବିଦ୍ୟୁତ୍ ନିଗମ ନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତାହାକୁ ନେଇ ଦ୍ୱନ୍ଦ୍ୱ

■ ସ୍କୁଲରେ ରହିଛି ଶିକ୍ଷକ ସମସ୍ୟା

■ ସମାଧାନ କିଏ କରିବ ଜାଣି ପାରୁନାହାନ୍ତି ଅଭିଭାବକ

